ପ୍ରଗତିବାଦୀ
PRAGATIVADI

09th May, 2019

# ଆଇଆଇଟି ଭୁବନେଶ୍ୱରରେ ଜେଇଇ ଆଡଭାନ୍ସଡ ହେଲ୍ପଡେସ୍କ

• ଭୁବନେଶ୍ୱର, ପିଏନଏସ

ଫନୀ ଯୋଗୁ ରାଜ୍ୟରେ ମୋବାଇଲ ଏବଂ ଇଣ୍ଟରନେଟ ସେବା ବ୍ୟାହତ ହୋଇଛି। ଯାହାଫଳରେ ଜେଇଇ ଆଡଭାନ୍ସଡ ପଞ୍ଜିକରଣ କରିବା ଲାଗି ରାଜ୍ୟର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୂର କରିବା ଲାଗି ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପଞ୍ଜିକରଣ ନିମିତ୍ତ ସହାୟତା ପ୍ରଦାନ କରିବା ଲାଗି ଏକ ସ୍ୱତନ୍ତ୍ର ହେଲ୍ପ ଡେସ୍କ ବୁଧବାର ଠାରୁ ଖୋଲାଯାଇଛି। ୧୪ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏଠାରେ ପଞ୍ଜିକରଣ କରିପାରିବେ। ଏହା ସହିତ ସହାୟତା ପାଇବା ଲାଗି ଆସିଥିବା ଛାତ୍ରଛାତ୍ରୀଙ୍କ ଲାଗି ସ୍ୱତନ୍ତ୍ର ଭାବେ ଏକ ବସ ସେବା ଆରମ୍ଭ କରାଯାଇଛି ବୋଲି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ର. ଭି. ରାଜକୁମାର ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ଭାବେ ପଞ୍ଜିକରଣ ଲାଗି ଗଠନ କରାଯାଇଥିବା ହେଲ୍ପଡେସ୍କ ଇ-କ୍ଲାସରୁମ ଏବଂ ଲ୍ୟାବ କମ୍ପ୍ଲେକ୍ସ ଠାରେ କାର୍ଯ୍ୟକରିବ। ଏହା ସହିତ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଏଠାରୁ ଆଶାୟୀମାନେ ଅନଲାଇନ ପେମେଣ୍ଟ କରିପାରିବେ। ଭୁବନେଶ୍ୱର ଠାରୁ ଗମନାଗମନ ଲାଗି ଆଇଆଇଟି କ୍ୟାମ୍ପସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ବସ ସେବା ମଧ୍ୟ ଆରମ୍ଭ କରାଯାଇଛି। ବସଟି ଦିନ ୯ଟାରୁ ୨ଟା ପର୍ଯ୍ୟନ୍ତ ଚାଲିବ ଏବଂ ୧୨ଟା ୪ଟା ଏବଂ ସନ୍ଧ୍ୟା ୬ଟାରେ ତିନିଥର ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ ଠାରୁ ସହରର ପ୍ରମୁଖ ସ୍ଥାନରେ ଛାଡିବ ବୋଲି ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟଯେ, ଓଡ଼ିଶା ଛାତ୍ରଛାତ୍ରୀଙ୍କ ଲାଗି ସ୍ୱତନ୍ତ୍ରଭାବେ ପାଇଁ ଜେଇଇ ଆଡଭାନ୍ସ ପଞ୍ଜିକରଣ ଅବଧିକୁ ମେ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧିକରିଥିଲା କେନ୍ଦ୍ର ମାନବସମ୍ବଳ ବିକାଶ ବିଭାଗ। ପୂର୍ବରୁ ମେ ୩ରୁ ୯ ପର୍ଯ୍ୟନ୍ତ ପଞ୍ଜିକରଣ ଲାଗି ଦିନ ଧାର୍ଯ୍ୟ କରାଯାଇଥିଲା।